# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 April - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ଅଶ୍ୱିନୀ ବୈଷ୍ଣବ, ଦେବାଶିଷ୍ ସାମନ୍ତରାୟ ଏବଂ ଶୁଭାଶିଷ୍ ଖୁଣ୍ଟିଆ ରାଜ୍ୟସଭାର ସାଂସଦ ଭାବେ ଆଜି ନେଲେ ଶପଥ

- ଭାରତୀୟ ରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ପକ୍ଷରୁ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

- ନିର୍ବାଚନ ସଂପର୍କିତ ୪ଟି ସଂସଦୀୟ କ୍ଷେତ୍ର ଅନୁଧ୍ୟାନ କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆସନ୍ତା ଶନିବାର ପର୍ଯ୍ୟନ୍ତ ବଳବତ୍ତର ରହିବ; ପାଣିପାଗ ବିଭାଗର ସୂଚନା

## ରାଜ୍ୟସଭା ଶପଥପାଠ

ଓଡ଼ିଶାରୁ ମନୋନିତ ହୋଇଥିବା ୩ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ, ଦେବାଶିଷ୍ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ମୋଟ ୧୪ ଜଣ ସାଂସଦ ଆଜି ଶପଥ ନେଇଛନ୍ତି । ଉପରାଷ୍ଟ୍ରପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ପାର୍ଲାମେଣ୍ଟ ଭବନରେ ସାଂସଦମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ଅନ୍ୟ ପ୍ରମୁଖ ସାଂସଦମାନଙ୍କ ମଧ୍ୟରେ  କଂଗ୍ରେସ୍‌ର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧି, କଂଗ୍ରେସର ନେତା ଅଜୟ ମେକାନ୍, ବିଜେପି ନେତା ଆର.ପି.ଏନ୍ ସିଂ ପ୍ରମୁଖ ଶପଥ ନେଇଛନ୍ତି ।

ସୂଚନାଯୋଗ୍ୟ, ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ବିଜେପି ପକ୍ଷରୁ ନିର୍ବାଚିତ ହୋଇଥିବାବେଳେ ଦେବାଶିଷ୍ ସାମନ୍ତରାୟ ଏବଂ ଶୁଭାଶିଷ୍ ଖୁଣ୍ଟିଆ ବିଜୁ ଜନତା ଦଳରୁ ରାଜ୍ୟସଭାକୁ ଯାଇଛନ୍ତି ।

ଓଡ଼ିଶାର ୩ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ଏବଂ ଅଶ୍ୱିନୀ ବୈଷ୍ଣବଙ୍କର କାର୍ଯ୍ୟକାଳ ଗତକାଲି ଶେଷ ହୋଇଥିଲା । ସାଂସଦ ପ୍ରଶାନ୍ତ ନନ୍ଦ, ଅମର ପଟ୍ଟନାୟକ ସ୍ଥାନରେ ଦେବାଶିଷ୍ ସାମନ୍ତରାୟ ଏବଂ ଶୁଭାଶିଷ୍ ଖୁଣ୍ଟିଆ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବାବେଳେ ଅଶ୍ୱିନୀ ବୈଷ୍ଣବ ଦ୍ୱିତୀୟ ଥର ପାଇଁ ରାଜ୍ୟସଭା ଯାଇଛନ୍ତି ।

# ଅଗ୍ନି ପ୍ରାଇମ୍ ପରୀକ୍ଷଣ

ଭଦ୍ରକ ଜିଲ୍ଲା ଧାମରାସ୍ଥିତ ଏ.ପି.ଜେ. ଅବଦୁଲ୍ କଲାମ୍ ଦ୍ୱୀପର ୪ ନମ୍ବର ଲଞ୍ଚ୍ ପ୍ୟାଡ୍‌ରୁ ଗତକାଲି ସନ୍ଧ୍ୟାରେ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ରର ବ୍ୟାବହାରିକ ପରୀକ୍ଷଣ ହୋଇଛି । ଭାରତୀୟ ରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ ପକ୍ଷରୁ ଅଗ୍ନି-୪ ଏବଂ ଅଗ୍ନି-୫ର ଜ୍ଞାନକୌଶଳକୁ ନେଇ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର ନିର୍ମିତ ହୋଇଛି । ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ ଦୂରତା ୧ ହଜାରରୁ ୨ ହଜାର କିଲୋମିଟର ମଧ୍ୟରେ ସୀମିତ । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯିବାକୁ ଥିବା ଏହି କ୍ଷେପଣାସ୍ତ୍ର ୧ ହଜାର କିଲୋଗ୍ରାମ୍‌ର ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବା ସହ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି । ସୂଚନାଯୋଗ୍ୟ, ପୂର୍ବରୁ ୪ ହଜାର କିଲୋମିଟର ଲକ୍ଷ୍ୟଭେଦ ଦୂରତା ଅଗ୍ନି-୪  ଏବଂ ୫ ହଜାର କିଲୋମିଟର ଲକ୍ଷ୍ୟଭେଦୀ ଦୂରତା ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇସାରିଛି ।

# ଲୋକସଭା ନିର୍ବାଚନ - ଦ୍ୱିତୀୟ ପର୍ଯ୍ୟାୟ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆଜି ଶେଷ ହେଉଛି । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ସହିତ ମଣିପୁର ଉପକଣ୍ଠ ଲୋକସଭା ନିର୍ବାଚନ ମଣ୍ଡଳୀର ଅବଶିଷ୍ଟ ଭାଗରେ ନିର୍ବାଚନ ହେବ। ଏହି ପର୍ଯ୍ୟାୟ ପାଇଁ ଏପ୍ରିଲ ୨୬ ତାରିଖରେ ମତଦାନ ହେବ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ପ୍ରମୋଦ

ପାରା ଅଲିମ୍ପିକ୍ସ ବ୍ୟାଡମିଣ୍ଟନ ବିଜେତା ପଦ୍ମଶ୍ରୀ ପ୍ରମୋଦ ଭଗତ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀ ପ୍ରଧାନ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରମୋଦ ରାଜ୍ୟ ଓ ଦେଶ ପାଇଁ ଗୌରବ। ନିଜ ପ୍ରତିଭା ମାଧ୍ୟମରେ ଦେଶ ପାଇଁ ପ୍ରମୋଦ ଆହୁରି ସୁନାମ ଆଣନ୍ତୁ,  ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ମୁଖ୍ୟ ନିର୍ବାଚନ କମିଶନର

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମ୍ବଲପୁର ଗସ୍ତରେ ଆସି ୪ଟି ଲୋକସଭା ନିର୍ବାଚନ ମଣ୍ଡଳୀର ସମୀକ୍ଷା କରିଛନ୍ତି। ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ ଓ ବରଗଡ ସଂସଦୀୟ କ୍ଷେତ୍ରର ସମୀକ୍ଷା କରିଛନ୍ତି। ସମ୍ବଲପୁର, ଦେବଗଡ, ଅନୁଗୁଳ, ବରଗଡ, ଝାରସୁଗୁଡା, ସୁନ୍ଦରଗଡ ଓ ଢେଙ୍କାନାଳ ଜିଲ୍ଲାର ସମସ୍ତ ବିଧାନସଭା କ୍ଷେତ୍ରଗୁଡ଼ିକରେ ନିର୍ବାଚନ ପରିଚାଳନା ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ସମୀକ୍ଷା କରିଥିବା ଜଣାପଡିଛି। ଆଗାମୀ ନିର୍ବାଚନକୁ କିପରି ଅବାଧ ଓ ନିରପେକ୍ଷ କରାଯିବ ସେ ସମ୍ବନ୍ଧରେ ଶ୍ରୀ ଧଳ ଗୁରୁତ୍ୱ ଆରୋପ କରିଥିଲେ। ଏହାବ୍ୟତୀତ ଆଦର୍ଶ ଆଚରଣ ବିଧି ପାଳନକୁ ଠିକ୍ ଭାବରେ ପାଳନ କରିବା ପାଇଁ ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ମତଦାନ ଛୁଟି

ଆସନ୍ତା ସାଧାରଣ ନିର୍ବାଚନର ବିଭିନ୍ନ ପର୍ଯ୍ୟାୟରେ ହେବାକୁ ଥିବା ମତଦାନପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି । ଯେଉଁ ସ୍ଥାନରେ ନିର୍ବାଚନ ପାଇଁ ମତଦାନ ହେବ, ସେହିଦିନ ସେହି ନିର୍ବାଚନ ମଣ୍ଡଳି ଅଧୀନସ୍ଥ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେଟ୍ କୋର୍ଟ ଏବଂ କର୍ମଚାରୀଙ୍କ ପାଇଁ ଛୁଟି ଘୋଷଣା କରାଯାଇଛି । ଅନ୍ୟପକ୍ଷରେ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା କରିବାପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଏଜେନ୍‌ସିର ମୁଖ୍ୟମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ବେଆଇନ କାର୍ଯ୍ୟକଳାପକୁ ରୋକିବାପାଇଁ ବଳିଷ୍ଠ ପଦକ୍ଷେପ ନେବାଲାଗି କୁହାଯାଇଛି ।

## ଏମ୍.ସି.ଏମ୍.ସି. ଗଠନ

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମିଡିଆ ସାର୍ଟିଫିକେସନ ଏବଂ ମନିଟାରିଂ କମିଟି- ଏମ୍.ସି.ଏମ୍.ସି. ଗଠନ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଏମ୍.ସି.ଏମ୍.ସି.ର ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏହି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନୈତିକ ବିଜ୍ଞାପନର ପ୍ରାକ୍ ପ୍ରମାଣନ, ପେଡ୍ ନ୍ୟୁଜ୍ ତଦାରଖ ଓ ଆଇନ୍ ଉଲ୍ଲଘଂନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ୍

କରିବା ପାଇଁ କମିଟି ଗଠନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ସାକ୍ଷାତ

ଝାଡଖଣ୍ଡର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଏସ୍.କେ. ମିଶ୍ର ଆଜି ଭୁବନେଶ୍ୱର ରାଜଭବନଠାରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟତାମୂଳକ ସାକ୍ଷାତ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ତିରୋଧାନ ଦିବସରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ତଥା ଓଡ଼ିଆ ସାହିତ୍ୟ ଜଗତର ଚିର ଜାଜ୍ୱଲ୍ୟମାନ କବି ହେଉଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର। ଆମର ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ତାଙ୍କର ବଡ ଯୋଗଦାନ ରହିଛି। ଓଡ଼ିଆ ଅସ୍ମିତାର ଗୌରବ ଗଙ୍ଗାଧର ମେହେରଙ୍କ ତିରୋଧାନ ଦିବସରେ ବିନମ୍ର ଶ୍ରଦ୍ଧାଞ୍ଜଳି।

## ସମ୍ବଲପୁର - ଜିଲ୍ଲାପାଳ ନିର୍ଦ୍ଦେଶନାମା

ସମ୍ବଲପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଏବଂ ଶ୍ରମିକମାନଙ୍କ କାର୍ଯ୍ୟ ସମୟ ବଦଳା ଯାଇଛି ।

ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଖୋଲିଛି। ସେହିପରି କର୍ମକ୍ଷେତ୍ରରେ ଶ୍ରମିକମାନଙ୍କ କାର୍ଯ୍ୟ ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ପର୍ଯ୍ୟନ୍ତ ବନ୍ଦ ରହିବ । ଏହାବ୍ୟତୀତ ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ୱାର୍ଡ଼ ଖୋଲିବା, ଜଳଛତ୍ର, ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଅଗ୍ରୱାଲ୍ ଅକ୍ଷୟ ସୁନିଲ୍ ନିର୍ଦ୍ଦେଶ ଦେଇଛନ୍ତି ।

## ହିଟ୍ ୱେଭ୍-କ୍ୟାପିଟାଲ ହସ୍ପିଟାଲ

ପ୍ରବଳ ଖରା ଏବଂ ହିଟ ୱେଭ୍ ସ୍ଥିତିକୁ ଦୃଷ୍ଟିରେ ରଖି ଅଂଶୁଘାତର ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସମସ୍ତ ପ୍ରକାରର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ହସପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ଅଂଶୁଘାତ ମୁକାବିଲା ପାଇଁ ହସ୍ପିଟାଲରେ ୧୦ଟି ବେଡ଼ ମହଜୁଦ ରଖାଯାଇଛି। ଏଥିସହ କ୍ୟାପିଟାଲ ହସ୍ପିଟାଲ ପରିସରରେ ୩ଟି ଓଆରଏସ କର୍ଣ୍ଣର ଖୋଲାଯାଇ ଓଆରଏସ ପାଣି ବଣ୍ଟନ କରାଯାଉଛି।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅଧିକ ଗରମ ଅନୁଭୂତ ହେଉଛି । ଆସନ୍ତା ଶନିବାର ପର୍ଯ୍ୟନ୍ତ ପାଗରେ ପରିବର୍ତ୍ତନ ହେବ ନାହିଁ ଏବଂ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ

କେନ୍ଦ୍ର ଅନୁମାନ କରିଛି । ନୟାଗଡ଼, ବୌଦ୍ଧ, କନ୍ଧମାଳ, କଟକ, ଯାଜପୁର ଏବଂ ଭଦ୍ରକ ଜିଲ୍ଲାରେ ଆଜି ଅଧିକ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ସେହିଭଳି ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି, କେନ୍ଦୁଝର, କନ୍ଧମାଳ ଏବଂ ନୟାଗନରେ ରାତି ତାପମାତ୍ରା ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ଗତକାଲି ରାଜ୍ୟର ୧୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା । ବୌଦ୍ଧରେ ୪୧ ଦଶମିକ ୮ ଡିଗ୍ରୀ, ମାଲକାନଗରିରେ ୪୧ ଦଶମିକ ୬, ଟିଟିଲାଗଡ଼ ଓ ବଲାଙ୍ଗିରରେ ୪୧ ଦଶମିକ ୫ ଡିଗ୍ରୀ ରେକର୍ଡ଼ କରାଯାଇଥିଲା । ଗ୍ରୀଷ୍ମପ୍ରବାହର ମାତ୍ରା ବୃଦ୍ଧି ପାଉଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବିୟଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ରାଜ୍ୟରେ ନିଆଯାଉଥିବା ଅଂଶୁଘାତ ଏବଂ ଅନ୍ୟ ଆବଶ୍ୟକ ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯାଇଥିଲା ।

********************************